


# ୩ ମାସରେ ୧୩୫ ଦୁର୍ଘଟଣା, ୫୧ ମୃତ


ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

**ଜିଲା ସଡ଼କ ସୁରକ୍ଷା କମିଟି ବୈଠକ**

- ରାସ୍ତା ଡିଭାଇଡର ସ୍ଥାନରେ ଚିହ୍ନଟ ଫଳକ ଲଗାଇବାକୁ ନିର୍ଦ୍ଦେଶ
- ଅନୁଗୋଳରୁ ଆଠଗଡ଼ ରାସ୍ତାକୁ ରାଜ୍ୟ ରାଜପଥ ମାନ୍ୟତା

ଢେଙ୍କାନାଳ,୨୩।୪(ରତନ ନାୟାର)

ଢେଙ୍କାନାଳ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଗୁରୁବାର ଜିଲାପାଳ କାର୍ଯ୍ୟାଳୟର ସଦଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଅଧ୍ୟକ୍ଷତା କରିଥିଲେ। ଜିଲା ଆଞ୍ଚଳିକ ପରିବହନ ବିଭାଗର ସୂଚନା ମୁତାବକ, ଗତ ଜାନୁଆରୀରୁ ମାର୍ଚ୍ଚ ସୁଦ୍ଧା ଜିଲାରେ ୧୩୫ଟି ଦୁର୍ଘଟଣା ଘଟି ୫୧ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦୫ଜଣ ଆହତ ହୋଇଛନ୍ତି। ମାର୍ଚ୍ଚ ମାସରେ ୫୭ଟି ଦୁର୍ଘଟଣା ଘଟି ୪୩ଜଣ ଆହତ ହୋଇଥିବା ବେଳେ ୨୧ଜଣଙ୍କର ମୃତ୍ୟୁ ହୋଇଛି। ୨୦୨୫ ମାର୍ଚ୍ଚ ମାସରେ ୪୫ଟି ଦୁର୍ଘଟଣା ଘଟି ୩୬ଜଣ ଆହତ ହୋଇଥିବା ବେଳେ ୧୮ଜଣଙ୍କର ମୃତ୍ୟୁ ହୋଇଥିଲା। ଗତ ମାର୍ଚ୍ଚ ମାସରେ ଜିଲାରେ ଅଧିକ ଦୁର୍ଘଟଣା ଘଟିବା ସହିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଥିବାରୁ ସମସ୍ତ ରାସ୍ତା ଡିଭାଇଡର ସ୍ଥାନରେ ଆବଶ୍ୟକ ଚିହ୍ନଟ ଫଳକ ଲଗାଇବା ସହ କଟକରୁ ଢେଙ୍କାନାଳ ଦେଇ ଅନୁଗୋଳ ପର୍ଯ୍ୟନ୍ତ ବିଶେଷକରି ୫୫ନଂ ଜାତୀୟ ରାଜପଥରେ ଥିବା ସମସ୍ତ ହମ୍ପ୍‌ସକୁ ଧଳା ରଙ୍ଗରେ ଚିହ୍ନଟ କରିବା ସହ ସାଇନେଜ୍ ଲଗାଇବା ପାଇଁ ଜିଲାପାଳ ଜାତୀୟ ରାଜପଥ ପ୍ରାଧୀକରଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ରାସ୍ତା କଡ଼ରେ ଥିବା ଶିକ୍ଷାନୁଷ୍ଠାନ ଓ ଦୁର୍ଘଟଣା ପ୍ରବଣ ସ୍ଥାନଗୁଡ଼ିକରେ ସାଇନେଜ୍ ଓ ବ୍ୟାରିକେଟିଂ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲାକସ୍ପଟ୍‌ଗୁଡ଼ିକରେ ଦୁର୍ଘଟଣା ପରେ ତୁରନ୍ତ ଉଦ୍ଧାର ଓ ଚିକିତ୍ସା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ଯେଉଁ ବ୍ୟକ୍ତିମାନେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଉଦ୍ଧାର କରି ଚିକିତ୍ସାଳୟକୁ ନେଉଛନ୍ତି, ସେମାନଙ୍କୁ ସରକାରଙ୍କ ପ୍ରଦତ୍ତ ଗୁଡ୍ ସମରିଟାନ ଭାବେ ପ୍ରୋତ୍ସାହିତ ରାଶି ପ୍ରଦାନ ପାଇଁ ପଦକ୍ଷେପ ନେବା ନିମନ୍ତେ ଅତିରିକ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଢେଙ୍କାନାଳ କଲେଜ ବାଇପାସଠାରୁ କୋରିଆଁ ବାଇପାସ୍ ପର୍ଯ୍ୟନ୍ତ ଆଲୋକୀକରଣ କାର୍ଯ୍ୟ ତୁରନ୍ତ ସାରିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କଲେଜ ବାଇପାସସ୍ଥିତ ଡ୍ରେନ୍ କାର୍ଯ୍ୟ ଓ ଫ୍ଲାଏଓଭର କାର୍ଯ୍ୟ ଯଥାଶୀଘ୍ର ସାରିବାକୁ କହିଥିଲେ। କାମାକ୍ଷାନଗରର ଜିରିଡାମାଳି ଓ ଭୁବନର କାଳୀବଜାର ଓ କୁରୁମଟାଙ୍ଗର ଆଦି ଛକଗୁଡ଼ିକରେ କଂକ୍ରିଟ୍ ବ୍ଲକ ରଖି ଗାଡ଼ି ଚଳାଚଳ ନିୟନ୍ତ୍ରଣ ପାଇଁ ଆଲୋଚନା ହୋଇଥିଲା। ଢେଙ୍କାନାଳ ବସଷ୍ଟାଣ୍ଡ ପରିସରରେ ବସ୍ ଯାତ୍ରାୟତ ସମୟ ନିର୍ଘଣ୍ଟ ସୂଚନାକୁ ସ୍ଥାୟୀ ଭାବେ ଲଗାଇବା ପାଇଁ ଜିଲାପାଳ କହିଥିଲେ।

ସେହିପରି ଅନୁଗୋଳରୁ ମହିଧରପୁର ଓ ଢେଙ୍କାନାଳ ଜିଲାର ସାତମାଇଲ, ରାସୋଳ, ଭାପୁର ଓ ଶଙ୍କରପୁର ଦେଇ କଟକ ଜିଲାର ଆଠଗଡ଼କୁ ଯାଇଥିବା ରାସ୍ତାକୁ ୬୫୫ନଂ. ରାଜ୍ୟ ରାଜପଥ ମାନ୍ୟତା ପ୍ରଦାନ କରାଯାଇଛି ବୋଲି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ ସୂଚନା ଦେଇଥିଲେ। ସେହିପରି ବିଭିନ୍ନ ସମୟରେ ରାସ୍ତାରେ ଯାଞ୍ଚ କରାଯାଇ ୪୨ଜଣ ମଦ୍ୟପ ଗାଡ଼ି ଚାଳକ, ୮୯ଟି ଦୁଇଚକିଆ ଗାଡ଼ିରେ ୩ଜଣିଆ ଯିବା, ଗାଡ଼ି ଚଳାଉଥିବା ବେଳେ ସମୟରେ ୩୬୦ଜଣ ମୋବାଇଲ ବ୍ୟବହାରକାରୀ, ୩୮୧ଜଣ ସିଟ୍ ବେଲ୍ଟ ପିନ୍ଧି ନ ଥିବା ଗାଡ଼ିଚାଳକ ଏବଂ ୧୧୮୯ଜଣ ହେଲମେଟ୍ ପିନ୍ଧି ନ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ଜରିମାନା ଆଦାୟ କରାଯାଇଛି। ୧୫୪୧ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି ବୋଲି ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ ସୂଚନା ଦେଇଥିଲେ। ବୈଠକରେ ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡ଼ନାୟକଙ୍କ ସମେତ ଅତିରିକ୍ତ ଏସ୍‌ପି ନିରଞ୍ଜନ ପାଢୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ କମିଟିର ସଦସ୍ୟ ବିରଞ୍ଚି ନାରାୟଣ ପାଣି, ପ୍ରଦ୍ୟୁମ୍ନ ରଥ, ଅପର୍ଣ୍ଣା ରଥ ପ୍ରମୁଖ ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ।

# ଢେଙ୍କାନାଳରେ ତାପମାତ୍ରା ୪୩.୫ ଡିଗ୍ରୀ


ଢେଙ୍କାନାଳ ସହରର ରାସ୍ତାଘାଟ ଶୂନଶାନ।

ଢେଙ୍କାନାଳ,୨୩।୪(ରତନ ନାୟାର)

ଢେଙ୍କାନାଳ ସହରରେ ଗୁରୁବାର ତାପମାତ୍ରା ୪୩.୫ ଡିଗ୍ରୀ ହୋଇଛି। ଗତ ୩ଦିନ ହେବ ତାପମାତ୍ରାରେ ଅହେତୁକ ବୃଦ୍ଧି ଚିନ୍ତାଜନକ ହୋଇଛି। ବୁଧବାର ତାପମାତ୍ରା ୪୨.୪ ଡିଗ୍ରୀ ଥିଲା। ଗୁରୁବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରବଳ ଗୁଳୁଗୁଳି ଓ ଗରମରେ ସହରବାସୀ ଅତିଷ୍ଠ ହୋଇପଡ଼ିଛନ୍ତି। ଝାଞ୍ଜି ପବନ ଯୋଗୁ ଲୋକମାନଙ୍କ ଯାତାୟତରେ ବାଧା ସୃଷ୍ଟି ହୋଇଛି। ଘରୁ ପଦାକୁ ବାହାରିବା ସମ୍ଭବପର ହେଉନାହିଁ। ପୂର୍ବାହ୍ନ ସାଢେ ୧୧ଟା ପରେ ରାସ୍ତାଘାଟ ଶୂନଶାନ ହୋଇପଡ଼ିଛି। ତାପମାତ୍ରାର ବଢୁଥିବା ଦେଖି ଜିଲାର ସମସ୍ତ ଘରୋଇ ଓ ସରକାରୀ ସ୍କୁଲଗୁଡ଼ିକୁ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ସମଗ୍ର ଢେଙ୍କାନାଳ ଉତ୍ତପ୍ତ ସହରରେ ପରିଣତ ହୋଇଛି।

# କପିଳାସ ମନ୍ଦିର ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି



ଢେଙ୍କାନାଳ,୨୩।୪(ରତନ ନାୟାର)

ଢେଙ୍କାନାଳ ସିଦ୍ଧ ଶ୍ରୀକ୍ଷେତ୍ର ପରିକ୍ରମା ପରିବାର ପକ୍ଷରୁ ରାଜ୍ୟ ତଥା ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସ ମନ୍ଦିରର ପ୍ରତିଷ୍ଠା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସହରସ୍ଥିତ ଦଧିବାବନ ଜୀଉ ମନ୍ଦିର ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ପୁରୁଷୋତ୍ତମ ନନ୍ଦଙ୍କ ସଭାପତିତ୍ୱରେ ଆବାହକ ଅବନୀ କୁମାର ମିଶ୍ର ବିଗତ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଚଳିତବର୍ଷ ପ୍ରତିଷ୍ଠା ଉତ୍ସବ ପାଳନର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ କପିଳାସ ପୀଠରେ ବୈଶାଖ ମାସ ଶୁକ୍ଳପକ୍ଷ ତ୍ରୟୋଦଶ ତିଥି ତଥା ଏପ୍ରିଲ ୨୯ ତାରିଖ ଦିନ ପ୍ରତିଷ୍ଠା ଦିବସ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା। କପିଳାସ ପୀଠର ପୂର୍ଣ୍ଣ ମନ୍ଦିର ୧୨୪୬ ଖ୍ରୀଷ୍ଟାବ୍ଦ ବୈଶାଖ ମାସ ଶୁକ୍ଳପକ୍ଷ ତ୍ରୟୋଦଶ ତିଥିରେ ରାଜା ଲାଙ୍ଗୁଳା ନରସିଂହଦେବ ପ୍ରତିଷ୍ଠା କରିଥିବା ଇତିହାସ ପୃଷ୍ଠାରୁ ଜଣାପଡ଼ିଛି। ଏହି ଉପଲକ୍ଷେ ଆସନ୍ତା ୨୯ ତାରିଖ ସକାଳ ୬ଟାରେ ଢେଙ୍କାନାଳ ଦଧିବାବନ ମନ୍ଦିରଠାରୁ କପିଳାସ ପୀଠକୁ ଏକ ଆଧାତ୍ମିକ ପଦଯାତ୍ରା ଅନୁଷ୍ଠିତ ହେବ। ସେହିପରି ଅପରାହ୍ନ ୪ଟାରେ ଏକ ଆଧାତ୍ମିକ ଆଲୋଚନାଚକ୍ର ପୁରୁଣା ଜିଲା ପରିଷଦ ହଲଠାରେ ଅନୁଷ୍ଠିତ ହେବ। ବୈଠକରେ ବରିଷ୍ଠ ଆଇନଜୀବୀ ଦିପ୍ତିଶ ପ୍ରସାଦ ପଟ୍ଟନାୟକ, ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ, ନାଟ୍ୟକାର ଶତ୍ରୁଘ୍ନ ମାଟି, ଅଞ୍ଜଳି ଶତପଥୀ, ପ୍ରେମାନନ୍ଦ ଶତପଥୀ, ବିଷ୍ଣୁପ୍ରିୟା ଦାଶ, ଶରତ କୁମାର ବେହେରା, ଶେଷଦେବ ରାଉତ, ରାଜକିଶୋର ବେହେରା, ମାନସ ରଞ୍ଜନ ମିଶ୍ର, ରାଧାନାଥ ରଥ, ଅଥୟ କୁମାର ସାହୁ, ପ୍ରୀତିରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତିବର୍ଷ ଭଳି ଶ୍ରୀଚନ୍ଦ୍ରଶେଖର ୟୁଥ୍ କ୍ଲବ ସହଯୋଗ କରିବେ ବୋଲି ସହମତି ପ୍ରଦାନ କରିଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ୨ ଭାଇଙ୍କୁ ଧକ୍କାଦେଲା ଟ୍ରାକ୍ଟର: ୧ ମୃତ, ଜଣେ ଆହତ

ଭୁବନ,୨୩।୪(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ଅନନ୍ତପୁର ଛକ ନିକଟସ୍ଥ ଜାତୀୟ ରାଜପଥ ୫୩ରେ ଗୁରୁବାର ସକାଳେ ଏକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ଯାଜପୁର ଜିଲା ସୁକିନ୍ଦା ଥାନା ଦାମୋଦରପୁର ଗ୍ରାମର ହାଡ଼ିବନ୍ଧୁ ବରାଳଙ୍କ ୨ ପୁଅ ସୁଦର୍ଶନ ଓ ଶତ୍ରୁଘ୍ନ ବାଇକ୍ ଯୋଗେ ଭୁବନ ଆସୁଥିବା ବେଳେ ଅନନ୍ତପୁର ଛକ ନିକଟରେ ସେମାନଙ୍କୁ ପଛପଟୁ ଏକ ଟ୍ରାକ୍ଟର (ଓଡି଼୦୬ପି ୮୩୩୭) ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୨ ଜଣ ଗୁରୁତର ଆହତ ହୋଇଥିଲେ। ଭୁବନ ପୋଲିସ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ସାନଭାଇ ସୁଦର୍ଶନ ବରାଳ(୩୨)ଙ୍କ ମୃତ୍ୟୁ ଘଟିଥିବା ବେଳେ ବଡ଼ଭାଇ ଶତ୍ରୁଘ୍ନ (୩୮)ଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଭୁବନ ପୋଲିସ କେଶ ନଂ. ୧୯୯/୨୦୨୬ ଦଫା ୨୮୧,୧୨୫(ବି), ୧୦୬ (ଆଇ) ରୁଜୁ କରି ଟ୍ରାକ୍ଟରକୁ ଜବତ କରିଛି । ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ସୁଦର୍ଶନଙ୍କ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

# ଗ୍ୟାସ୍ ସିଲିଣ୍ଡରରୁ ନିଆଁ ଲାଗି ଜଳିଗଲା ୩ ବଖରା, ୨ ଆହତ



ପରଜଙ୍ଗ,୨୩।୪(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବାରିହାପୁର ଗାଁରେ ଗୁରୁବାର ଚୁଲିରୁ ଗ୍ୟାସ ସିଲିଣ୍ଡର ପାଇପ୍‌କୁ ନିଆଁ ଧରିଥିଲା। ପରେ ଗ୍ୟାସ ପାଇପ୍‌ରୁ ନିଆଁ ଘର ଚାଳକୁ ଲାଗି ଜଳିଗଲା ୩ ବଖରା ଘର। ଏଥିସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏଥିରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବାରିହାପୁର ଗାଁର ପ୍ରବୀଣ ସାହୁ ଓ ରମେଶ ସାହୁ। ଉଭୟଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ ଗାଁର କୁଳମଣି ସାହୁ, ତ୍ରିନାଥ ସାହୁ ଏବଂ ଉଚ୍ଛବ ସାହୁଙ୍କର ଗୋଟିଏ ଲେଖାଏଁ ଘର ଅଗ୍ନିକାଣ୍ଡରେ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଘରେ ଥିବା ଧାନ, ଚାଉଳ, ଆସବାବପତ୍ର, ଦରକାରୀ କାଗଜପତ୍ର, ଇଲେକଟ୍ରୋନିକ୍ସ ସାମଗ୍ରୀ, ପୋଷାକ ପତ୍ର ଅଗ୍ନିକାଣ୍ଡରେ ପୋଡ଼ିଯାଇଛି। ତୁରନ୍ତ ଅଗ୍ନିପିଡ଼ିତଙ୍କ ପରିବାର ଲୋକଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନା ମୁତାବକ ତ୍ରିନାଥ ସାହୁଙ୍କ ଘରେ ଗ୍ୟାସ ସାହାଯ୍ୟରେ ରୋଷେଇ ହେଉଥିବା ବେଳେ ପାଖରେ ଏକ କାଠ ଚୁଲିରେ ମଧ୍ୟ ରୋଷେଇ ହେଉଥିଲା। ହଠାତ୍ କାଠ ଚୁଲିରୁ ନିଆଁ ଗ୍ୟାସ ପାଇପ୍‌କୁ ଧରିଥିଲା। ଘରକୁ ନିଆଁ ବ୍ୟାପିଯାଇଥିଲା। ସେହି ସମୟରେ ପଡ଼ୋଶୀ ରମେଶ ଗ୍ୟାସ ବନ୍ଦ କରିବାକୁ ଘର ଭିତରକୁ ପ୍ରବେଶ କରିଥିବା ବେଳେ ନିଆଁ ଝୁଲ ପଡ଼ି ସେ ଆହତ ହୋଇଛନ୍ତି। ଏହାକୁ ଦେଖି ପଡ଼ୋଶୀ ପ୍ରବୀଣ ହଠାତ୍ ଚେତାଶୂନ୍ୟ ହୋଇପଡ଼ିଥିଲେ। ଉଭୟଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉଭୟ ଚିକିତ୍ସା ପରେ ସୁସ୍ଥଥିବା ଜଣାପଡ଼ିଛି।

# ଆଇନ ସଚେତନତା ଶିବିର




ଢେଙ୍କାନାଳ,୨୩।୪(ରତନ ନାୟାର)

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ମଙ୍ଗଳବାର ଭାପୁରସ୍ଥିତ ଦେବେନ୍ଦ୍ର ଶତପଥୀ ମେମୋରିଆଲ ମହାବିଦ୍ୟାଳୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅଧ୍ୟକ୍ଷତା କରି ଜିଲା ଆଇନସେବା ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର ଶିବିରର ପ୍ରମୁଖ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରା, ବିଭିନ୍ନ ଆଇନ ତଥା ପୋକ୍‌ସୋ ଆକ୍ଟ ଏବଂ ମହିଳାଙ୍କୁ କର୍ମକ୍ଷେତ୍ରରେ ଯୌନ ନିରୋଧ ଆଇନ ଓ ଏସ୍‌ସିଏସ୍‌ଟି ଆକ୍ଟର ବିଭିନ୍ନ ଦିଗ ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶିକା ମଧୁସ୍ମିତା ଦାସ ୨୦୨୪ ଜୁଲାଇ ୧ରୁ ଦେଶରେ କାର୍ଯ୍ୟକାରୀ ହେଉଥିବା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଉପରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ସେହିପରି ନୂଆ ଆଇନରେ ରହିଥିବା ଏଫ୍‌ଆଇଆର, ଜିରୋ ଏଫ୍‌ଆଇଆର, ଇ-ଏଫ୍‌ଆଇଆର, ସମନ, ୱାରେଣ୍ଟ ଓ ଅପରାଧୀଙ୍କ ଜାମିନ ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଅଧ୍ୟାପିକା ଶର୍ମିରେଖା ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ମାନସ ରଞ୍ଜନ ରାଉତ ଓ ଅଧ୍ୟାପିକା ଶୁଭଶ୍ରୀ ପଟ୍ଟନାୟକ, ସାଂପ୍ରତିକ ପରିସ୍ଥିତିରେ ଆଇନ ବିଷୟରେ ସମ୍ୟକ ଜ୍ଞାନ ରହିବା ଆବଶ୍ୟକ ବୋଲି ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ, ପ୍ରାଧିକରଣର କର୍ମଚାରୀ ଦୁଃଖବନ୍ଧୁ ସାହୁ, ରାମଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ସହାୟତା ପ୍ରଦାନ କରିଥିଲେ।

# ଗଣିତ ବିଭାଗର ବିଦାୟ ସମ୍ବର୍ଦ୍ଧନା ଉତ୍ସବ




ସାତମାଇଲ,୨୩।୪(ସୁଶାନ୍ତ ପତି)

ହିନ୍ଦୋଳ ମହାବିଦ୍ୟାଳୟ ଗଣିତ ବିଭାଗରେ +୩ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ଗୁରୁବାର ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଭାଗୀୟ ମୁଖ୍ୟ କ୍ୟାପଟେନ ଡ. କିଶୋର କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବକୁ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଂଲିଶ ବିଭାଗର ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ପାତ୍ର, ରସାୟନ ବିଭାଗର ମୁଖ୍ୟ ସୁକାନ୍ତ କୁମାର ପତି ଓ ରାଜନୀତି ବିଜ୍ଞାନର ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଓ ପଦାର୍ଥ ବିଜ୍ଞାନର ମୁଖ୍ୟ ଜୟନ୍ତ ନାରାୟଣ ପତି ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ବହୁ ହିତୋପଦେଶ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ପ୍ରତିଶା ରାଉଳ, ସତ୍ୟଜିତ ସାହୁ, ଶୁଭକାନ୍ତ ରାଉତ, ସୁଶ୍ରୀ ବେହେରା, ଜୟନ୍ତ ରାଉତ, ରଶ୍ମି ରଞ୍ଜନ ବିଶ୍ୱାଳ ଓ ପ୍ରଜ୍ଞା ପ୍ରଣିନୀ ସାହୁ ପ୍ରମୁଖ ସମ୍ବର୍ଦ୍ଧନା ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ସୀମା ଶୁଭଦର୍ଶିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟର ଉତ୍ସବ 'ବ୍ରାହ୍ମଣୀ ତରଙ୍ଗ'

କାମାକ୍ଷାନଗର,୨୩।୪(ସୁଧୀର କୁମାର ପରିଡ଼ା)




ଢେଙ୍କାନାଳ ଜିଲା କାମାକ୍ଷାନଗର କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ 'ବ୍ରାହ୍ମଣୀ ତରଙ୍ଗ' ବୁଧବାର ସନ୍ଧ୍ୟାରେ କାମାକ୍ଷାନଗର ଅଡିଟୋରିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରହ୍ଲାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଜ୍ୟୋତିରୂପା ଶତପଥୀ, ସହକାରୀ ଜିଲାପାଳ ଦୀପକ କୁମାର ମିଶ୍ର, ଅତିରିକ୍ତ ତହସିଲଦାର ସୂର୍ଯ୍ୟକାନ୍ତ ବରାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ କହିଲେ, ବିଦ୍ୟାଳୟରେ ପାଠପଢା ସହ ସବୁ ଜିନିଷ ଜାଣିବାକୁ ଚେଷ୍ଟାକଲେ ସଫଳତା ମିଳିବ। ଜାଣିଲେ ଜିଣିବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ୯୫ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯଇଥିଲା। ଶିକ୍ଷକ ଭୋଲେଶ୍ୱର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାକେଶ କୁମାର ପ୍ରଧାନ, ମହେନ୍ଦ୍ର ଭୂତିଆ, ନିକିତା ପାତ୍ର, ଜ୍ଞାନରଞ୍ଜନ ସାହୁଙ୍କ ସମେତ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ଆଜାକ୍ସ ମେଶିନରେ ଚାପିହୋଇ ଜଣେ ମୃତ

କାମାକ୍ଷାନଗର,୨୩।୪(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବଡ଼ସୁଆଲୋ ନିକଟରେ ନିର୍ମାଣଧୀନ ଏକ କଂକ୍ରିଟ କାର୍ଯ୍ୟରେ ନିୟୋଜିତ ଆଜାକ୍ସ ମେଶିନରେ ଚାପି ହୋଇ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ବଡ଼ସୁଆଲୋ ଗ୍ରାମର ବିଭୂତି ପ୍ରଧାନଙ୍କ ସ୍ତ୍ରୀ ମୀତା ପଧାନ(୩୦)। ସେ ଓ ଅନ୍ୟ ୫ ଜଣ ମହିଳା କାମ କରୁଥିବା ବେଳେ ଆଜାକ୍ସ ମେଶିନ୍‌ଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ମୀତା ମେଶିନ ତଳେ ଚାପିହୋଇ ପ୍ରାଣ ହରାଇଥିଲେ। ଏଥିରେ ଅବନ୍ତୀ ଦେହୁରୀ (୩୫) ସାମାନ୍ୟ ଆହତ ହୋଇଛନ୍ତି। କାମାକ୍ଷାନଗର ଅଗ୍ନିଶମ ବିଭାଗ କର୍ମଚାରୀ ମୃତଦେହ ଉଦ୍ଧାରକରି ବ୍ୟବଚ୍ଛେଦ ପାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# ରାତ୍ରିକାଳୀନ କ୍ରିକେଟ: କାବେରା ବିଜୟୀ

ଗଁଦିଆ,୨୩।୪(ବିଶ୍ୱ ମୋହନ ସାହୁ)




ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କାବେରା ଗ୍ରାମରେ ବ୍ରଜନାଥ ବଡ଼ଜେନା କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ରାତ୍ରକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିବିସିସି କାବେରା ଓ ମା' ସନ୍ତୋଷୀ କ୍ରିକେଟ୍ କ୍ଲବ ଭଗବାନପୁର ମଧ୍ୟରେ ଫାଇନାଲ ମୁକାବିଲାରେ କାବେରା ଦଳ ବିଜୟ ଲାଭ କରିଥିଲା। କାବେରା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୭୬ ରନ ସଂଗ୍ରହ କରିଥିଲା। ଜବାବରେ ଭଗବାନପୁର ଦଳ ୮ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରିପରାଜିତ ହୋଇଥିଲା। ଭଗବାନପୁର ଟିମର ଦିପୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ କାବେରା ଟିମର ଶୁଭମ ନାୟକ ମ୍ୟାନ୍ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। ସ୍ମିତି ରଞ୍ଜନ ଦାସ ଓ ମନୋଜ କୁମାର ମହାନ୍ତି ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସନ୍ତୋଷ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ଗ୍ରାମ ସଭାପତି ବ୍ରହ୍ମାନନ୍ଦ ନାୟକ, ସୋରିଷିଆପଦା ସରପଞ୍ଚ ପ୍ରଦୀପ କୁମାର ରାଉତ, ସାମାଜିକ କର୍ମୀ ମଙ୍ଗରାଜ ମହାନ୍ତି, ଯୁବକ ସଂଘ ସଭାପତି ମନୋଜ କୁମାର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗ୍ରାମ ପରିଚାଳନା କମିଟିର ସମ୍ପାଦକ ଚନ୍ଦନ କୁମାର ରାଉଳ, ସଦସ୍ୟ ବସୁଦେବ ମହାନ୍ତି, ଦିଲ୍ଲୀପ ମହାନ୍ତି, ଉଚ୍ଛବ ଦାସ, ଅଭୟ ମହାନ୍ତି, ବିମଳଚନ୍ଦ୍ର ନାୟକ, ବିରଞ୍ଚି ନାୟକ, ନୀରଦ ମହାରଣା, ରାଧାନାଥ ସାହୁ, ସନ୍ତୋଷ ରାଉତ, ପ୍ରତାପ ନାୟକ ଓ ବ୍ରଜନାଥ ବଡ଼ଜେନା ଯୁବକ ସଂଘର ସଦସ୍ୟ ବିଶ୍ୱଜିତ ମହାନ୍ତି, ଶୁଭେନ୍ଦୁ ମହାନ୍ତି, ଶୁଭାଶିଷ ନାୟକ, ଜ୍ଞାନରଞ୍ଜନ ରାଉତ, ଅଂଶୁମାନ ନାୟକ, ତ୍ରିଲୋଚନ ନାୟକ, ସୁମିତ ରାଉତ, ଦେବୀପ୍ରସାଦ ମହାନ୍ତି, ସତ୍ୟବ୍ରତ ନାୟକ, ରଶ୍ମି ରଞ୍ଜନ ନାୟକ, ରୋହନ ନାୟକ, ଯୁଗଦର୍ଶନ ନାୟକ, ସନ୍ତୋଷ ନାୟକ ଓ ଆଶିଷ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଧାନ ଗଛର ସୁରକ୍ଷା ପାଇଁ ଆଣବିକ କୌଶଳ ଶୀର୍ଷକ ଆଲୋଚନାଚକ୍ର

ଢେଙ୍କାନାଳ,୨୩।୪(ରତନ ନାୟାର)



ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ମଙ୍ଗଳବାର ଜୀବ ଜନିତ ଚାପ ବିରୁଦ୍ଧରେ ଧାନ ଗଛର ସୁରକ୍ଷା ପାଇଁ ଆଣବିକ କୌଶଳ ଶୀର୍ଷକ ଏକ ବାର୍ଷିକ ଆଲୋଚନାଚକ୍ର ମହାବିଦ୍ୟାଳୟର ନୂତନ ପାଠାଗାର କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ଓ ଶିକ୍ଷକ ମାନଙ୍କୁ ଧାନ ଚାଷର ସୁରକ୍ଷା ପାଇଁ ଆଣବିକ ପଦ୍ଧତିରେ ଅଗ୍ରଗତି ସମ୍ପର୍କରେ ସଚେତନ କରିବା ଏହା ଉଦ୍ଦେଶ୍ୟ ଥିଲା ବୋଲି ସୂଚନା ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ଆଧୁନିକ ଯୁଗରେ ଫସଲ ସୁରକ୍ଷାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ଡ. ଚିନ୍ମୟୀ ସାହୁ ଅତିଥି ପରିଚୟ ଓ ବିଭାଗୀୟ ମୁଖ୍ୟ ଡ. ଦେବରାଜ ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥି ବକ୍ତା ଭାବେ ଯୋଗ ଦେଇଥିବା କଟକସ୍ଥିତ ଆଇସିଏଆର କେନ୍ଦ୍ରୀୟ ଧାନ ଗବେଷଣା ସଂସ୍ଥାନର ଦୁଇଜଣ ପ୍ରସିଦ୍ଧ ବୈଜ୍ଞାନିକଙ୍କ ମଧ୍ୟରୁ ପ୍ରଥମେ ଡ. ଅରୁପ କୁମାର ମୁଖାର୍ଜୀ, ଟ୍ରାଇକୋଡରମା ଓ ଧାନଗଛ ସୁରକ୍ଷାର ଏହାର ଭୂମିକା ବିଷୟରେ ଆଲୋଚନା କରିଥିଲେ। ଏହାପରେ ଡ. କୁତବୁଦ୍ଦିନ ମୋଲ୍ଲା ଧାନ ଶୁଭାରମ୍ଭ ପାଇଁ କ୍ରିସ୍‌ର କ୍ୟାସ-୯ ବିଷୟରେ ଆଲୋକପାତ କରି ଆଧୁନିକ ଜିନ୍ ସମ୍ପାଦନ ପ୍ରଯୁକ୍ତି, ରୋଗ ପ୍ରତିରୋଧୀ ଧାନ ଉନ୍ନୟନର ନିୟମାନୁସଙ୍ଗିକ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଗବେଷକ ଯୋଗଦେଇଥିଲେ। ଉଦ୍ଭିଦ ବିଜ୍ଞାନ ଶିକ୍ଷକମାନଙ୍କ ମଧ୍ୟରେ ଲଳିତ ଚୌଧୁରୀ, ଡ. ସସ୍ମିତା, କଳ୍ପନା ଦାସ, ଉପସନା ପଣ୍ଡା, ଶୁଭଶ୍ରୀ ରାଉତରାୟ ଅଂଶଗ୍ରହଣ କରିଥିଲେ। ଏହାପରେ ଡ. ଏସ୍‌କେ ରିଆଜନ ଖାଦିମଙ୍କ ନିର୍ଦ୍ଦେଶରେ ପୁରସ୍କାର ବିତରଣ ହୋଇଥିଲା। ୨୦୨୫ ଶିକ୍ଷାବର୍ଷର ୟୁଜି ଓ ପିଜି ଶ୍ରେଣୀର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ନେଟ୍-ଜେଆରଏଫ୍‌ରେ ଯୋଗ୍ୟତା ହାସଲ କରିଥିବା ସୁଧୀର କୁମାର ସେଠୀ, ଏନ୍‌ଟିଏ-ନେଟ୍ ଉତ୍ତୀର୍ଣ୍ଣ ମିନାକ୍ଷୀ ଅଗ୍ରୱାଲ ଓ ଗେଟ୍ ଉତ୍ତୀର୍ଣ୍ଣ ସୁବ୍ରମଣ୍ୟ ଶେଖର ପାଣିଙ୍କୁ ସମ୍ମାନିତ କରାଯାଇଥିଲା। ଡ. ମାନସ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମାର୍ଚ୍ଚରେ ୪୧ ଦୁର୍ଘଟଣାରେ ୨୧ ଜଣଙ୍କ ମୃତ୍ୟୁ




ସଡ଼କ ସୁରକ୍ଷା କମିଟି ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ।

### ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

ଅନୁଗୋଳ,୨୩।୪(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଗୁରୁବାର ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମାର୍ଚ୍ଚ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା।

ପରିବହନବିଭାଗସୂଚନାଅନୁଯାୟୀ, ଗତ ମାର୍ଚ୍ଚ ମାସରେ ଅନୁଗୋଳ ଜିଲାରେ ମୋଟ ୪୧ଟି ଦୁର୍ଘଟଣା ଘଟିଥିବାବେଳେ ୨୧ଜଣଙ୍କ ମୃତ୍ୟୁ ଘଟିଛି ଓ ୨୦ଜଣ ଆହତ ହୋଇଛନ୍ତି। ଫେବୃଆରୀ ମାସର ମୋଟ୍ ଦୁର୍ଘଟଣା ତୁଳନାରେ ମାର୍ଚ୍ଚ ମାସରେ ଦୁର୍ଘଟଣା ହାର ହ୍ରାସ ପାଇଛି। ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟ୍‌ରେ ଗାଡ଼ି ଚାଳନା ଯୋଗୁ ୧୩୯୨ ଜଣ, ଦ୍ରୁତ ଗାଡ଼ି ଚାଳନା କରିବା ଯୋଗୁ ୧୩୬୭ ଜଣ, ମଦ୍ୟପାନ କରି ଗାଡ଼ି ଚାଳନା ନିମନ୍ତେ ୬୬ ଜଣ, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୮୦ ଜଣ ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇଥିବାବେଳେ ୫୨୨ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିରଞ୍ଚି ବାଗ, ଉପଜିଲାପାଳ ମାୟାଧର ବେହେରା, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ପିତ କୁମାର, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟ ନାରାୟଣ ସାହୁ, ତାଳଚେର ମୋଟରଯାନ ନିରୀକ୍ଷକ ତପନ କୁମାର ବେଟୀଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅଂଶୁଘାତରେ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ ଆଶଙ୍କା

ବଇଣ୍ଡା, ୨୩।୪ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ୍ ବାମୁର ବିଦ୍ୟୁତ୍ ବିଭାଗ ଷ୍ଟ୍ରକଚର ଅପରେଟର ମିହିର ସାହୁ (୩୦)ଙ୍କ ବୁଧବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଆଶଙ୍କା କରାଯାଇଛି। ସୂଚନା ଅନୁଯାୟୀ, ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତିଲେଶ୍ୱର ଗାଁର ମିହିର ବାମୁର ବିଦ୍ୟୁତ୍ ଷ୍ଟ୍ରକଚରରେ ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ଅପରାହ୍ନ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ତାଙ୍କର ଡ୍ୟୁଟି ଥିଲା। ସେ କାର୍ଯ୍ୟରତ ଥିବାବେଳେ ଅପରାହ୍ନ ୨ଟା ୩୦ରେ ଅଂଶୁଘାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବିଭାଗୀୟ କର୍ମଚାରୀମାନେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମିହିରଙ୍କ ପରିବାରକୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।



## ଅନୁଗୋଳରେ ଭାଜପାର ଜନ ଆକ୍ରୋଶ କାର୍ଯ୍ୟକ୍ରମ



ଭାଜପା ପକ୍ଷରୁ ବିରୋଧୀ ଦଳ ନେତାଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

ଅନୁଗୋଳ,୨୩।୪(ଜ୍ୟୋତିରଞ୍ଜନ ସାହୁ)

ମହିଳା ସଂରକ୍ଷଣ ଓ 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ନେଇ ବିରୋଧୀ ଦଳଙ୍କ ଆଭିମୁଖ୍ୟ ବିରୋଧରେ ଅନୁଗୋଳରେ ଭାଜପା ପକ୍ଷରୁ ଗୁରୁବାର ଏକ ବିଶାଳ ଜନ ଆକ୍ରୋଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ପ୍ରାୟ ୧୦ଟାରେ ଅନୁଗୋଳ ସରକାରୀ ମହାବିଦ୍ୟାଳୟ ସମ୍ମୁଖରେ ଭାଜପାର ମହିଳା ଓ ଯୁବମୋର୍ଚ୍ଚା ସଦସ୍ୟମାନେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଏଆଇସିସିର ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହାସହିତ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ବିରୋଧୀଙ୍କ ବିରୋଧରେ ଆକ୍ରୋଶ ପ୍ରକାଶ କରିଥିଲେ। ଭାଜପା ନେତୃବୃନ୍ଦ ଅଭିଯୋଗ କରିଥିଲେ, କଂଗ୍ରେସ ଓ ଏହାର ସହଯୋଗୀ ଦଳମାନେ ମହିଳାଙ୍କ ସାମ୍ବିଧାନିକ ଅଧିକାରକୁ ଅବହେଳା କରିଛନ୍ତି ଓ ଏହାକୁ ଅଧିକାରର ଭ୍ରୁଣହତ୍ୟା ସହ ସମାନ କରିଛନ୍ତି। ଏହି ଅବସରରେ ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ସୁବ୍ରତ ବିଶ୍ୱାଳ କହିଥିଲେ, ମହିଳାଙ୍କ ଆକ୍ରୋଶ ବିରୋଧୀଙ୍କ ରାଜନୈତିକ ଭବିଷ୍ୟତକୁ ନଷ୍ଟ କରିଦେବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ପ୍ରତିମା ମିଶ୍ର, ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସୁଚିସ୍ମିତା ତ୍ରିପାଠୀ, ଜିଲା ସାଧାରଣ ସମ୍ପାଦିକା ବସନ୍ତ ମଞ୍ଜରୀ ପ୍ରଧାନ, ଉପସଭାନେତ୍ରୀ ନମିତା ଦଳବେହେରା, ମୀରା ଗଡ଼ନାୟକ, ବରିଷ୍ଠ ନେତ୍ରୀ ସରିତା ମିଶ୍ର, ସୁଜାତା ସାହୁ ଓ ସୁଜାତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଗୋଳ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସିଦ୍ଧାର୍ଥ ରାଉତରାୟ ଆୟୋଜନ କରିଥିଲେ। ଯୁବମୋର୍ଚ୍ଚା ଉପସଭାପତି ପୁରୁଷୋତ୍ତମ ନାଏକ, ସାଧାରଣ ସମ୍ପାଦକ ସମୀର ପରିଡ଼ା ଓ ସୀମାଦ୍ରି ସାହୁ ପ୍ରମୁଖ ସହଯୋଗ କରିଥିଲେ।

## କୋଇଲା ଖଣି ମହାପ୍ରବନ୍ଧକଙ୍କୁ ଦାବିପତ୍ର

କଣିହାଁ,୨୩।୪(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ଭାଜପା ମଣ୍ଡଳ ସଭାପତି ସୁଶାନ୍ତ ସାମଲଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ତଥା ପଞ୍ଚାୟତ କାର୍ଯ୍ୟକର୍ତ୍ତା ଗୁରୁବାର ପୂର୍ବାହ୍ନରେ କଣିହାଁ ଖୋଲାମୁହଁ ପ୍ରକଳ୍ପର ମହାପ୍ରବନ୍ଧକ ନରେଶ ସିଂ ରାଣାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନୂତନ ଠିକା ସଂସ୍ଥାରେ ପୁରୁଣା କର୍ମଚାରୀ ଓ ବିଭିନ୍ନ ପଞ୍ଚାୟତର ବେରୋଜଗାର ଯୁବକଙ୍କୁ ଦକ୍ଷତାଭିତ୍ତିକ ନିଯୁକ୍ତି ନେଇ ଦାବିପତ୍ର ପ୍ରଦାନ କରାଯାଇଛି। କଣିହାଁ ମଣ୍ଡଳସ୍ତରୀୟ ନେତୃମଣ୍ଡଳୀରେ ରାଜ୍ୟ ପରିଷଦ ସଭ୍ୟ ସଚ୍ଚିଦାନନ୍ଦ ପ୍ରଧାନ, କଣିହାଁ ଭାଜପା ଜିଲା ପ୍ରତିନିଧି ଲୋକନାଥ ସାହୁ, ପୂର୍ବତନ ମଣ୍ଡଳ ସଭାପତି ତଥା ସମିତି ସଭ୍ୟ ଦେବେନ୍ଦ୍ର ବାରିକ, ସାଧାରଣ ସମ୍ପାଦକ ଦିଲେଶ୍ୱର ବେହେରା, ସାମାଜିକ କର୍ମୀ ଓ ଯୁବନେତା ହରମୋହନ ସାହୁ, କଣିହାଁ କୋଇଲା ଖଣି ବିଏମ୍‌ଏସ୍ ସଭାପତି ଅଭୟ ସାହୁ, ସମ୍ପାଦକ ଚିନ୍ମୟ ପ୍ରଧାନ, ଶ୍ରମିକନେତା ରମେଶ ସାମଲ ପ୍ରମୁଖ ଦାବିପତ୍ର ପ୍ରଦାନରେ ସାମିଲ ହୋଇଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ରାସ୍ତା ମରାମତି, ବାଇପାସ୍ ନିର୍ମାଣକୁ ଗୁରୁତ୍ୱ



ରାସ୍ତା ନିର୍ମାଣ ପାଇଁ ମ୍ୟାପ୍ ଦେଖୁଛନ୍ତି ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଓ ଜିଲାପାଳ।

### ଛେଣ୍ଡିପଦାରେ କୋଇଲା ପରିବହନ ଭିତ୍ତିଭୂମି ସମୀକ୍ଷା

ଅନୁଗୋଳ,୨୩।୪(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳରୁ କୋଇଲା ଓ ଅନ୍ୟାନ୍ୟ ସାମଗ୍ରୀ ପରିବହନକୁ ସୁଗମ କରିବା ସହିତ ସାଧାରଣ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଗୁରୁବାର ଛେଣ୍ଡିପଦା ଅଞ୍ଚଳ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଭିତ୍ତିଭୂମି ସମୀକ୍ଷା କରିଛନ୍ତି। ଛେଣ୍ଡିପଦାରୁ ଅନୁଗୋଳ ଓ ଛେଣ୍ଡିପଦାରୁ ଜରପଡ଼ା ରାସ୍ତାର ତୁରନ୍ତ ମରାମତି ସହ ଏହାର ଉନ୍ନତୀକରଣକୁ ଅତ୍ୟାବଶ୍ୟକ ବୋଲି କହିଥିଲେ। ପରିବହନକୁ ସୁଚାରୁ ଓ ସୁଗମ କରିବା ପାଇଁ ଏହି କାମକୁ ଶୀଘ୍ର ସମାପ୍ତ କରିବାକୁ ସମ୍ବନ୍ଧିତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜନବହୁଳ ଅଞ୍ଚଳରେ ଭାରୀ ଟ୍ରକ୍ ଚଳାଚଳ ଯୋଗୁ ଅସୁବିଧା ଦୂର କରିବାକୁ ସ୍ୱତନ୍ତ୍ର ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତି ଉପରେ ମଧ୍ୟ ଜୋର୍ ଦିଆଯାଇଥିଲା। ବନ୍ଦର ଅଭିମୁଖେ କୋଇଲା ପରିବହନ ସୁବିଧାରେ ଅବସ୍ଥିତ ମିସିଂ ଲିଙ୍କ୍‌ଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକର ସଂଯୋଗୀକରଣ ପାଇଁ ସର୍ଭେ କରିବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ। କୋଇଲା ପରିବହନ ସମୟରେ ସାଧାରଣ ଯାତ୍ରୀ ଓ ଅନ୍ୟାନ୍ୟ ଯାନବାହନ ନିରାପତ୍ତା ପ୍ରତି ବିଶେଷ ସତର୍କତା ଅବଲମ୍ବନ କରିବାକୁ ମଧ୍ୟ କହିଥିଲେ। ସଚିବଙ୍କ ଏହି ଗସ୍ତ ସମୟରେ ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ସହ ବିଭାଗୀୟ ବରିଷ୍ଠ ଯନ୍ତ୍ରୀ ଓ ଜିଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାରରେ ଢେଙ୍କାନାଳ ଏମ୍‌ପି



ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରଚାର ଅବସରରେ ଢେଙ୍କାନାଳ ଏମ୍‌ପିଙ୍କ ସହ ଅନ୍ୟମାନେ।

ତାଳଚେର,୨୩।୪ (ମନୋଜ ନନ୍ଦ)

ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାରରେ ସାମିଲ ହୋଇଛନ୍ତି। ଭାଜପାର ନିଷ୍ପତ୍ତି ଅନୁସାରେ ନର୍ଥ ହାଓଡା ୧୭୦ ନମ୍ବର ବିଧାନସଭା କ୍ଷେତ୍ରର ଭାଜପା ପ୍ରାର୍ଥୀ ଉମେଶ ରାୟଙ୍କ ପାଇଁ ପ୍ରଚାରର ମଙ୍ଗ ଧରିଛନ୍ତି ଏମ୍‌ପି ପାଣି। ବିହାରର ଏମ୍‌ପି ଜନାର୍ଦ୍ଦନ ସିଂହ ସିଗ୍ରିୱାଲଙ୍କ ସହ ମିଶି ଭାଜପା ସାଙ୍ଗଠନିକ ବୈଠକ କରିବା ସହ ବିଭିନ୍ନ ବର୍ଗର ସାମୂହିକ ସଂଗୋଷ୍ଠୀଙ୍କୁ ଭେଟି ଭାଜପା ପାଇଁ ନିର୍ବାଚନ ପ୍ରଚାର କରୁଛନ୍ତି। ଆଗାମୀ ୨୯ ତାରିଖରେ ଏହି ଅଞ୍ଚଳରେ ନିର୍ବାଚନ ହେବ।

## ଜଳସଙ୍କଟ ଦୂର କରିବାକୁ ଦାବି

ଆଠମଲ୍ଲିକ,୨୩।୪(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅଇଡ଼ା ପଞ୍ଚାୟତ ବଘୁଆକଟା ଗ୍ରାମରେ ଲାଗି ରହିଥିବା ଜଳ ସଙ୍କଟ ଦୂର କରିବାକୁ ଗ୍ରାମବାସୀଙ୍କ ତରଫରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। କିଛିଦିନ ହେଲା ଟାଣ ଖରା ଅନୁଭୂତ ହେଉଥିଲା ବେଳେ ଗ୍ରୀଷ୍ମ ତାପ ବୃଦ୍ଧି ପାଉଥିବାରୁ ଦୈନନ୍ଦିନ ଚଳଣିରେ ଜଳର ଆବଶ୍ୟକତା ମଧ୍ୟ ବୃଦ୍ଧି ପାଇଛି। ୭୦୦ ଜନସଂଖ୍ୟା ବିଶିଷ୍ଟ ବଘୁଆକଟା ଗ୍ରାମରେ ପୂର୍ବରୁ ସୋଲାର ବ୍ୟବସ୍ଥାରେ ଓଭରହେଡ୍ ଟାଙ୍କିରୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଥିଲେ ମଧ୍ୟ ଲୋକଙ୍କ ବ୍ୟବହାର ଓ ଗୃହପାଳିତ ପଶୁଙ୍କ ପାଇଁ ପର୍ଯ୍ୟାପ୍ତ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କ ନିକଟରେ ଅଭିଯୋଗ ହେଲା ପରେ ବିଭାଗୀୟ ଅଧିକାରୀ ଗ୍ରାମ ପରିଦର୍ଶନରେ ଯାଇଥିଲେ ମଧ୍ୟ କୌଣସି ନିରାକରଣ ବ୍ୟବସ୍ଥା ହୋଇ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଜଳସଙ୍କଟ ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଚୋରା ମଦ ଜବତ, ୫ ଗିରଫ



ବୁଦୁଲିମୁଣ୍ଡା ଗ୍ରାମରୁ ଜବତ ହୋଇଥିବା ମଦ ଓ ଗିରଫ ଅଭିଯୁକ୍ତମାନେ।

ବଇଣ୍ଡା,୨୩।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ପୋଲିସ ପକ୍ଷରୁ ବୁଦୁଲିମୁଣ୍ଡା ଗ୍ରାମରେ ଗୁରୁବାର ଚଢ଼ାଉ କରାଯାଇ ରନ୍ଧା ଯାଉଥିବା ୧୭୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ବୁଦୁଲିମୁଣ୍ଡା ଗ୍ରାମର ହିମାଂଶୁ ପ୍ରଧାନ, ଦାମ ନାୟକ, ଭରତ ଚନ୍ଦ୍ର ସାହୁ, ନରେଶ ବେହେରାଙ୍କୁ ଗିରଫ କରାଯାଇଛି। ଏମାନେ ମଦ ରୋଷେଇ କରି ବାହାରକୁ ଚାଲାଣ କରୁଥିବା ଖବରପାଇ ହଣ୍ଡପା ଆଇଆଇସି ରାଜେଶ ଶତପଥୀ, ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ, ସେକେଣ୍ଡ ଅଫିସର ପ୍ରଦୀପ ଶ୍ରୀଚନ୍ଦନ, ହଣ୍ଡପା ଥାନା ଏଏସ୍‌ଆଇ ପ୍ରକାଶ ବାରିକଙ୍କ ସମେତ ଏକ ଟିମ୍ ଚଢ଼ାଉ କରିଥିଲେ। ସେହିପରି କିଶୋରନଗର ଥାନା କରମଳକଟା ଗ୍ରାମରେ ପୋଲିସ ଚଢ଼ାଉ କରି ସେହି ଗ୍ରାମର ଟିକୁନ ରଣାଙ୍କ ଠାରୁ ୧୭ ଲିଟର ବିଦେଶୀ ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସେ ବେଆଇନ ଭାବେ ଘରେ ବିଦେଶୀ ମଦ ବିକ୍ରି କରିବା ପାଇଁ ନେଉଥିବାବେଳେ ଖବରପାଇ କିଶୋରନଗର ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଛି। ଏ ନେଇ ନମ୍ବର ୧୦୯/୨୬ରେ ଏକ ମାମଲା ରୁଜୁ କରିଛି।

## ବିଶ୍ୱ ଧରିତ୍ରୀ ଦିବସ ପାଳିତ

ଅନୁଗୋଳ,୨୩।୪(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଯୁକ୍ତ ୨ ବିଜ୍ଞାନ ବିଭାଗରେ ବୁଧବାର ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଗୌରୀ ଶଙ୍କର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଧରିତ୍ରୀ ସୁରକ୍ଷା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିବା ସହିତ ଉଚ୍ଚମାନର ଶିକ୍ଷାପ୍ରଦାନ କରି ଆସୁଥିବା ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ସେମାନଙ୍କର ନିଷ୍ଠା ନିମନ୍ତେ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ ଦିବସର ଉଦ୍ଦେଶ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଅଧ୍ୟାପିକା ଆଶ୍ୱସନା ଧୀର ଓ ଅଧ୍ୟାପକ ଆଦିତ୍ୟ କୁମାର ପ୍ରଧାନ ଉକ୍ତ ଦିବସ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

## ବିଶ୍ୱରେ ପରିବର୍ତ୍ତନ ଆଣିଥିବା ପୁସ୍ତକ ସମ୍ପର୍କରେ ଆଲୋଚନା



ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ଅନୁଗୋଳ,୨୩।୪(ଦିବ୍ୟଶାନ୍ତନୁ ନାଥ)

ଡ୍ରିମ ଫର୍ ଅନୁଗୋଳ ଓ ଆମ ପ୍ରତିଭା ଆମ ସ୍ୱାଭିମାନ ପକ୍ଷରୁ ମହିମାଜ୍ୟୋତି ଆବାସିକ ବିଦ୍ୟାଳୟଠାରେ ବିଶ୍ୱ ପୁସ୍ତକ ଦିବସ ଗୁରୁବାର ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବ ପ୍ରଶାସନିକ ଅଧିକାରୀ ତଥା ଲେଖକ ଡ. ଧରଣୀଧର ନାଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅନେକ ବହି କେମିତି ବିଶ୍ୱରେ ପରିବର୍ତ୍ତନ ଆଣିଥିଲା ସେ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକ ଉପହାର ଦେବା ଓ କିଣିବା ପ୍ରତ୍ୟେକ ବର୍ଗର ବ୍ୟକ୍ତିବିଶେଷ ଓ ଛାତ୍ରୀଛାତ୍ରଙ୍କ ମାନସିକତା ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତି ପଞ୍ଚାୟତରେ ପୁସ୍ତକାଳୟ ସ୍ଥାପନ ପାଇଁ ଡ୍ରିମ ଫର୍ ଅନୁଗୋଳ ସଂଯୋଜକ ଗୋପାଳ ଚନ୍ଦ୍ର ନାଏକ ସରକାରଙ୍କୁ ପ୍ରସ୍ତାବ ଦେଇଥିବାବେଳେ ସବୁ ସ୍କୁଲ କଲେଜରେ ବିଶ୍ୱ ପୁସ୍ତକ ଦିବସ ପାଳନ କରାଯିବା ନିମନ୍ତେ ସାମାଜିକ କର୍ମୀ ତଥା ଆମ ପ୍ରତିଭା ଆମ ସ୍ୱାଭିମାନର ସଦସ୍ୟ ପର୍ଶୁରାମ ଦାଶ ପ୍ରସ୍ତାବ ରଖିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି ତଥା ଛାତ୍ରଛାତ୍ରୀମାନଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିଲା। ଅଧ୍ୟାପକ ଟୁନା ବେହେରା ଧନ୍ୟବାଦ ଅର୍ପଣ କରିଥବାବେଳେ ଆକାଶ ପ୍ରଧାନ, ସୌଭାଗ୍ୟ ସାମଲ ଓ ଗୋପବନ୍ଧୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ମହୁଲ ଫୁଲ ସହ ଭ୍ୟାନ୍ ଜବତ, ୨ ଗିରଫ

ବଇଣ୍ଡା,୨୩।୪(ପରିକ୍ଷିତ ସାହୁ)

ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ବୁଧବାର କିଶୋରନଗର ଥାନା ଚିନ୍ତାମଣିପୁର ଗ୍ରାମରେ ଚଢ଼ାଉ କରାଯାଇ ବେଆଇନ ଭାବେ ଚାଲାଣ କରାଯାଉଥିବା ୫୧ କୁଇଣ୍ଟାଲ ମହୁଲ ଫୁଲ ଜବତ କରାଯାଇଛି। ଏଥିସହ ଚିନ୍ତାମଣିପୁର ଗ୍ରାମର ଅନନ୍ତ ପ୍ରଧାନ ଓ ଅଞ୍ଜନ ପ୍ରଧାନଙ୍କୁ ଗିରଫ କରାଯାଇଛି। ଉଭୟେ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡି୧୯ଏଲ୍- ୮୩୮୧)ରେ ବାହାରକୁ ୫୧ କୁଇଣ୍ଟାଲ ମହୁଲ ଫୁଲ ଚାଲାଣ କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ନୀଳିମା ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା।

## ଶାନ୍ତି ଶୃଙ୍ଖଳାରେ ଚନ୍ଦନ ଯାତ୍ରା ପାଳନ ପରାମର୍ଶ



ବଇଣ୍ଡା,୨୩।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଫାଣ୍ଡି ପରିସରରେ ଗୁରୁବାର ହଣ୍ଡପା ପୋଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗିରିଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡ଼ିଆ, ହଣ୍ଡପା ଆଇଆଇସି ରାଜେଶ ଶତପଥୀ, ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏଙ୍କ ସହ ବଇଣ୍ଡା ଚନ୍ଦନ ଯାତ୍ରା କମିଟି ସଭାପତି ବିନୀତ ଶାହା, ସମ୍ପାଦକ ମାନସ ସାହୁ, ଗ୍ରାମ ସହସମ୍ପାଦକ ପରିକ୍ଷିତ ସାହୁ, ପୂର୍ବତନ ସରପଞ୍ଚ ଜଳଧର ସାହୁ, ରମେଶ ଟିବ୍ରୁୱାଲା, ସରୋଜ ପ୍ରଧାନ, ସୁନୀଲ କୁମାର ପ୍ରଧାନ, ଶୁଭେନ୍ଦୁ ମୋହନ ସାହୁ, ସନ୍ତୋଷ ପ୍ରଧାନ, ଉଗ୍ରସେନ ସେଠୀ, ଜମ୍ବେଶ୍ୱର ସାହୁ, ବିକ୍ରମ ସାହୁ, ସଞ୍ଜୟ ସାହୁ, ସନ୍ତୋଷ ସାହୁ, ଜିତେନ୍ଦ୍ର ବେହେରା, ପ୍ରଣୟ ଦେହୁରୀ, ଲଛମନ ଦାସ, ମାନସ ରଞ୍ଜନ ସାହୁଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ଏଥିରେ ଚନ୍ଦନ ଯାତ୍ରା କିପରି ଶାନ୍ତି ଶୃଙ୍ଖଳାର ପାଳନ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିସହ ଲୋକେ ଚାହିଁଲେ ଅପରାଧ କମିବ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। ସାଇବର ଅପରାଧକୁ ନେଇ ସଚେତନ ରହିବା ପାଇଁ ଲୋକଙ୍କୁ ସୂଚନା ଦିଆଯାଇଥିଲା।



# ପାରଦ ଉପରମୁହାଁ: ଜନଜୀବନ ଅସ୍ତବ୍ୟସ୍ତ



ପ୍ରବଳ ଖରା ଯୋଗୁ ତାଳଚେର ସହର ରାସ୍ତା ଖାଁ ଖାଁ ଲାଗୁଛି।

**ତାଳଚେର,୨୩।୪ (ମନୋଜ ନନ୍ଦ)**

ଅନୁଗୋଳ ଜିଲାର କୋଇଲା ଖଣି ଅଞ୍ଚଳ ତାଳଚେରରେ ପାରଦ ଏବେ ଉପରମୁହାଁ। ବୁଧବାର ଏଠାରେ ତାପମାତ୍ରା ୪୩.୫ ଡିଗ୍ରୀ ଥିଲା। ହେଲେ ଗୁରୁତର ଏହା ୪୪ ଡିଗ୍ରୀ ଛୁଇଁଛି। ସକାଳ ୯ଟାରୁ ପ୍ରବଳ ଖରା ସାଙ୍ଗକୁ ଭୀଷଣ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ସକାଳ ୧୦ଟା ପରେ ରାସ୍ତାଘାଟ ଏକପ୍ରକାର ଶୂନଶାନ ହୋଇଯାଇଥିଲା। ଖଣି ପରିସରରେ ଗଚ୍ଛିତ କୋଇଲାରେ ନିଆଁ ଲାଗୁଥିବାରୁ ଖଣି ପରିସର ଏବଂ ଆଖପାଖ ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ରହୁଥିବା ସାଧାରଣରେ ଅଭିଯୋଗ ହେଉଛି। ଏପ୍ରିଲ ମାସରେ ତାତି ୪୪ ଡିଗ୍ରୀ ଛୁଇଁଥିବାରୁ ମେ ମାସର ତାପମାତ୍ରାକୁ ନେଇ ଲୋକଙ୍କ ଚିନ୍ତା ବଢ଼ିଯାଇଛି। ସର୍ବସାଧାରଣଙ୍କୁ ଅଂଶୁଘାତରୁ ରକ୍ଷା କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଉଚିତ ପଦକ୍ଷେପ ଗ୍ରହଣ କରାଯିବା ଏବଂ ବିଜୁଳି କାଟ ନ କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏଥିସହ ଜନଗହଳି ସ୍ଥାନଗୁଡ଼ିକରେ ଅଧିକ ମାତ୍ରାରେ ଥଣ୍ଡା ପାନୀୟଜଳର ବ୍ୟବସ୍ଥା ଯଥାଶୀଘ୍ର କରାଯିବା ପାଇଁ ମତପ୍ରକାଶ ପାଇଛି। ଆଗାମୀ ୩ରୁ ୪ ଦିନ ମଧ୍ୟରେ ତାପମାତ୍ରା ଆହୁରି ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଉଥିବାବେଳେ ଜଳବାୟୁ ପରିବର୍ତ୍ତନ, ବ୍ୟାପକ ଖଣି ଖନନ, ତାପଜ ବିଦ୍ୟୁତ୍ ପ୍ରକଳ୍ପ, ଜଙ୍ଗଲ ହ୍ରାସ, ସହରୀକରଣ ଏବଂ ଉତ୍ତର-ପଶ୍ଚିମ ଦିଗରୁ ଆସୁଥିବା ଶୁଷ୍କ ଉତ୍ତପ୍ତ ବାୟୁ ପାଇଁ ତାତି ବଢୁଛି ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏଥିପାଇଁ ଜନସାଧାରଣଙ୍କୁ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖରାରେ ନ ବାହାରିବାକୁ ପରାମର୍ଶ ଦିଆଯାଇଛି।

# ମନ୍ଦିରରୁ ଚୋରି, ଅଭିଯୁକ୍ତ ଗିରଫ

**ବଆଁରପାଳ,୨୩।୪(ସୁବାସ ସାହୁ)**

ଅନୁଗୋଳ ଜିଲା ନାଲ୍‌କୋ ଥାନା ଗିରାଙ୍ଗ ଶନି ମନ୍ଦିର ତାଲା ଭାଙ୍ଗି ପୂଜା ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ମନ୍ଦିର ଅଧିକାରୀ ବିଜୟ କୁମାର ପଣ୍ଡା(୪୩) ଗତ ୧୮ ତାରିଖ ସକାଳେ ଏହା ଦେଖିବା ପରେ ଥାନାରେ ଅଭିଯୋଗ କରିଥିଲେ। ଚୋରି ହୋଇଥିବା ସାମଗ୍ରୀ ମଧ୍ୟରେ ୩ଟି ପିତ୍ତଳ କପ୍, ପିତ୍ତଳ ନାଗ, ଏକ ରୁପା ବୃଷଭ, ୪ଟି ପିତ୍ତଳ ଡାଳ ଓ ୨ଟି ତମ୍ବା ତ୍ରିଶୂଳ ରହିଛି। ପୋଲିସ ମଙ୍ଗଳବାର ନଂ.



୧୩୭ରେ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ଏଏସ୍‌ଆଇ ଦୀପକ କୁମାର ସିଂହ ଅଭିଯୁକ୍ତଙ୍କୁ ଗିରଫ କରିକୋର୍ଟଚାଲାଣ କରିଛନ୍ତି।ଗିରଫ ଅଭିଯୁକ୍ତ ତୁରଙ୍ଗ ଗ୍ରାମର ରାକେଶ ବିଶ୍ୱାଳ(୩୭) ବୋଲି ପୋଲିସ ସୂଚନା ଦେଇଛି। ତାଙ୍କ ନିକଟରୁ ଚୋରି ହୋଇଥିବା ପୂଜା ସାମଗ୍ରୀ ଉଦ୍ଧାର କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ୩୧ଟି ମାମଲା ରହିଥିବା ସୂଚନା ମିଳିଛି।

# ରାସ୍ତା ନିର୍ମାଣକୁ ବିରୋଧ, ଉତ୍ତେଜନା



ଅନୁଗୋଳ-ମହୀଧରପୁର ରାସ୍ତାକୁ ଅବରୋଧ କରାଯାଇଛି।

**ଅନୁଗୋଳ,୨୩।୪(ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ସହର ଉପକଣ୍ଠ ଛେଳିଆପଡ଼ା ଗ୍ରାମରେ ଗୋଚର ଜମିକୁ ନେଇ ବିବାଦ ଦେଖାଦେଇଛି। ଗୁରୁବାର ଉକ୍ତ ଜମିରେ ରାସ୍ତା ନିର୍ମାଣକୁ କେନ୍ଦ୍ର କରି ଦୁଇ ପକ୍ଷ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଭିଯୋଗ ଅନୁସାରେ, ଛେଳିଆପଡ଼ା ପଞ୍ଚାୟତ ୧୧ଟି ୱାର୍ଡକୁ ନେଇ ଗଠିତ। ଗାଁ ଭିତର ୪ଟି ୱାର୍ଡକୁ ନେଇ ଗଠିତ ଗ୍ରାମ କମିଟି ବାହାରୁ ଆସିଥିବା ଜଣେ ବ୍ୟକ୍ତିଙ୍କୁ ରାସ୍ତା ସୁବିଧା ଦେବା ପାଇଁ ଗୌଚର ଜମି ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ଅନ୍ୟ ୱାର୍ଡବାସୀ ବିରୋଧ କରି ରାସ୍ତା ନିର୍ମାଣକୁ ଅଟକାଇଥିଲେ। ଖବରପାଇ ପ୍ରଶାସନିକ ଅଧିକାରୀ ପହଞ୍ଚି ନିର୍ମାଣ କାମ ବନ୍ଦ କରିଥିଲେ। ଏହାପରେ ଅସନ୍ତୁଷ୍ଟ ଗ୍ରାମବାସୀ ଛେଳିଆପଡ଼ା ଛକ ନିକଟରେ ସକାଳ ସାଢ଼େ ୧୦ଟାରୁ ରାସ୍ତାରୋକୋ କରିଥିଲେ। ଫଳରେ ଅନୁଗୋଳ-ମହୀଧରପୁର ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅପରାହ୍ନରେ ତହସିଲଦାର ଆଲୋକ ଦେହୁରୀ ପହଞ୍ଚି ଆଲୋଚନା କରିଥିଲେ। ଅନୁଗୋଳ ବିଧାୟକଙ୍କ ହସ୍ତକ୍ଷେପ ପରେ ଆସନ୍ତା ୨୬ ତାରିଖରେ ଗାଁରେ ବୈଠକ କରାଯାଇ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ଆଶ୍ୱାସନ ମିଳିଥିଲା। ଏହି ପ୍ରତିଶ୍ରୁତି ପରେ ପ୍ରାୟ ଅପରାହ୍ନ ୪ଟାରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିବା ସୂଚନା ମିଳିଛି।

# ତାଲିମ ସହ ସିଲେଇ ମେଶିନ ପ୍ରଦାନ



ଅତିଥିମାନେ ମହିଳାମାନଙ୍କୁ ସିଲାଇ ମେଶିନ ପ୍ରଦାନ କରୁଛନ୍ତି।

**ଛେଣ୍ଡିପଦା,୨୩।୪(ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କଙ୍କରେଇ ପଞ୍ଚାୟତର ରାଜୀବ ଭବନଠାରେ ସୁଭଦ୍ରା କୋଲ ମାଇନିଂ ଲିମିଟେଡ ଓ ଶୁକ୍ଲାମ୍ବର ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ଅଧୀନରେ ସିନର୍ଜି ସଂସ୍ଥା ପକ୍ଷରୁ ଏକ ୩୦ ଦିନିଆ ମହିଳା ସିଲାଇ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। କଙ୍କରେଇ ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀରୁ ପ୍ରାୟ ୩୦ ଜଣ ମହିଳାଙ୍କୁ ପ୍ରଶିକ୍ଷଣ ଦ୍ୱାରା ସିଲେଇ କୌଶଳରେ ପାରଙ୍ଗମ କରାଇ ଆର୍ଥିକ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଗୁରୁବାର ସିଲେଇ ମେଶିନ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ମନୋବିଜ୍ଞାନୀ ପ୍ରତୀକ୍ଷା ରୁନୱାଲ, ବିଶେଷ ଅତିଥି ଭାବେ ଅନୁଗୋଳ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ଏସ୍‌ଏଲ ମାଇନିଂର ମୁଖ୍ୟ ତଥା ସଭାପତି ପବନ ସୋମାନି, ସମ୍ମାନିତ ଅତିଥି ଭାବେ ଅନୁଗୋଳ ନାବାର୍ଡ ଡିଡିଏମ୍ ଆଶୁତୋଷ ରାୟ, ସୁଭଦ୍ରା କୋଲ୍ ମାଇନିଂ ଲିମିଟେଡ ପ୍ରୋଜେକ୍ଟ ହେଡ୍ ବିମଳ ବରାଳ, କଙ୍କରେଇ ସରପଞ୍ଚ ପ୍ରତାପ ସାହୁ, ଗ୍ରାମ ସଭାପତି ଓ ନାଏବ ସରପଞ୍ଚ ପ୍ରମୁଖ ଯୋଗଦେଇଥିଲେ। ପ୍ରୋଗ୍ରାମ ଆସୋସିଏଟ ଦୀପ୍ତିମୟୀ ମିଶ୍ର ମହିଳା ସଶକ୍ତୀକରଣ ଓ ଦକ୍ଷତାମୂଳକ ପ୍ରଶିକ୍ଷଣର ଗୁରୁତ୍ୱ ବିଷୟରେ କହିଥିଲେ।

# ଦେବୋତ୍ତର ଜମିରେ ଜବରଦଖଲ ଅଭିଯୋଗ

**ଢେଙ୍କାନାଳ,୨୩।୪(ରତନ ନାୟାର)**

## କାର୍ଯ୍ୟାନୁଷ୍ଠାନ ଦାବିକଲେ ପୂର୍ବତନ ବିଧାୟକ

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସର ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କର ଦେବୋତ୍ତର ବିଭାଗ ଅଧୀନରେ ଥିବା ଜାଗାଗୁଡ଼ିକ ଜବରଦଖଲ ହୋଇ ବେଆଇନ ଭାବେ ବ୍ୟବସାୟିକ କାର୍ଯ୍ୟରେ ଲଗାଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୂର୍ବତନ ବିଧାୟକ ତଥା କପିଳାସ ସୁରକ୍ଷା ପରିଷଦର ଆବାହକ ନବୀନ ନନ୍ଦ ଜିଲାପାଳଙ୍କୁ ଏକ ପତ୍ର ଲେଖି ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ପଦକ୍ଷେପ ନେବା ପାଇଁ ସେ ରାଜ୍ୟ ଦେବୋତ୍ତର କମିଶନରଙ୍କୁ ମଧ୍ୟ ଜଣାଇଥିବା ସୂଚନା ଦେଇଛନ୍ତି। ସୂଚନା ଅଧିକାର ଆଇନ ତଥ୍ୟ ଅନୁଯାୟୀ ପୂର୍ବତନ ବିଧାୟକ ଜଣାଇଛନ୍ତି ଯେ, ଗଁଦିଆ ବ୍ଲକ ଦେଓଗାଁ ଅଞ୍ଚଳରେ ଥିବା କପିଳାସ ପୀଠର କୌଣସି ଜମିକୁ ଦେବୋତ୍ତର ବିଭାଗ ପକ୍ଷରୁ ବ୍ୟବସାୟିକ କାର୍ଯ୍ୟ କରିବା ପାଇଁ କାହାକୁ ଦିଆଯାଇନାହିଁ। କିନ୍ତୁ ବେଆଇନ ଭାବେ ଦେଓଗାଁଠାରେ ଜଣେ ବ୍ୟକ୍ତି ବହୁଦିନରୁ ଏକ ହୋଟେଲ କରି ବ୍ୟବସାୟ କରୁଥିବା ବେଳେ ଦେବୋତ୍ତର ବିଭାଗ ଜାଣି ମଧ୍ୟ ଅଜଣା ରହିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ସଂକ୍ରାନ୍ତରେ ଦେବୋତ୍ତର ବିଭାଗ କୌଣସି ପଦକ୍ଷେପ ନେଇନାହିଁ। ଦେବୋତ୍ତର ବିଭାଗ ପକ୍ଷରୁ ବ୍ୟବସାୟୀଙ୍କୁ ଦେବୋତ୍ତର ଜମିରେ ହୋଟେଲ କରିବା ପାଇଁ କୌଣସି ଅନୁମତି ଦିଆଯାଇ ନ ଥିବା ସୂଚନା ଅଧିକାର ଆଇନ ବଳରେ ଯୋଗାଇ ଦିଆଯାଇଥିବା ତଥ୍ୟରୁ ମିଳିଛି। ଦେବୋତ୍ତର ଜାଗାକୁ ଜବରଦଖଲ କରି ହୋଟେଲ ବ୍ୟବସାୟ କରାଯାଉଥିବା ବେଳେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଦେବୋତ୍ତର ବିଭାଗ କେଉଁ ସ୍ୱାର୍ଥରେ ଅନୁକମ୍ପା ପ୍ରଦର୍ଶନ କରୁଛି, ତାହା ତଦନ୍ତ ସାପେକ୍ଷ। ଏ ସଂକ୍ରାନ୍ତରେ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୂର୍ବତନ ବିଧାୟକ ଦାବି କରିଛନ୍ତି। ଦେବୋତ୍ତର ବିଭାଗ ଅଧୀନରେ ଥିବା ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କର ବହୁମୂଲ୍ୟ ଜମିଗୁଡ଼ିକର ସୁରକ୍ଷା ପାଇଁ ସେ ଦେବୋତ୍ତର କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଶ୍ରୀହନୁମାନ ଜୀଉଙ୍କ ୧୮ତମ ପ୍ରତିଷ୍ଠା ଉତ୍ସବ

**ଢେଙ୍କାନାଳ,୨୩।୪(ରତନ ନାୟାର):** ଢେଙ୍କାନାଳ ଷ୍ଟାଡିୟମ ଛକ ନିକଟସ୍ଥ ହନୁମାନ ବାଟିକେଠାରେ ଗୁରୁବାର ଶ୍ରୀଶ୍ରୀ ସଙ୍କଟ ମୋଚନ ହନୁମାନ ଜୀଉଙ୍କ ୧୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମରେ ହନୁମାନ ବାଟିକାର ସଙ୍କଟ ମୋଚନ ପରିଚାଳନା କମିଟିରେ ଦୁର୍ଗା ବଜାରର ସଦସ୍ୟମାନେ ସହଯୋଗ କରିଥିଲେ। ୨୦୦୮ରେ ଶ୍ରୀହନୁମାନ ଜୀଉଙ୍କ ପ୍ରତିଷ୍ଠା ହୋଇଥିଲା। ମନ୍ଦିର ପୂଜକ ସୁଶା ଭାଇନା, ଯଜ୍ଞ ପୂଜକ ଅମରେନ୍ଦ୍ର ମିଶ୍ର ଓ ସନ୍ତୋଷ ଭାଇନା, କର୍ତ୍ତା ଭାବେ ରୁଦ୍ର ନାରାୟଣ ତ୍ରିପାଠୀ, ଶୁଭେନ୍ଦୁ ଶତପଥୀ, ସନ୍ତୋଷ ରାଉତ, ପୁଲକ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ପ୍ରଦୀପ, ଦୁର୍ଯ୍ୟୋଧନ ସ୍ୱାଇଁ ସହଯୋଗ କରିଥିଲେ।


**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
PO-ENGINEERING COLLEGE, BURLA, DIST-SAMBALPUR, ODISHA-768018, www.vssut.ac.in

No. VSSUT/Estt/651 Dated. 22.04.2026

**ADVERTISEMENT FOR RECRUITMENT OF DEAN, STUDENTS' WELFARE**

**No.44001/5/2627** : Online Applications are invited from prospective candidates for recruitment to the post of **Dean, Students' Welfare** at Veer Surendra Sai University of Technology, Burla. The qualifications details, eligibility criteria, and other general information are available at www.vssut.ac.in. The applicants are required to submit online application at https://vssutnt.samarth.edu.in. The last date of submission is **23.05.2026**. The qualifications, eligibility criteria, experience, publications and age limit etc. as on the last date of submission of application will only be considered. The authority reserves the right to reject any or all the applications or cancel the entire selection process without assigning any reason thereof.

| S/N | Name of the Post | No. of Post | Cetegory | Level in the 7th Pay Matrix |
|---|---|---|---|---|
| 1 | Dean, Students' Welfare | 01 | UR | Level-14 (Rs.1,44,200-2,18,200/-) |

OIPR-44001/44006/1/26-27/0002 Sd./- REGISTRAR


# ବାଇକ୍ ଦୁର୍ଘଟଣାରେ ନାବାଳକ ମୃତ, ୨ ଗୁରୁତର

**ବନ୍ତଲା,୨୩।୪(ସୁଶିତ ସାହୁ)**

ଅନୁଗୋଳ ବ୍ଲକ୍ ପୁରୁଣାଗଡ଼ ଚମ୍ପାତୋଠ ବ୍ରିଜ୍‌ରେ ଗୁରୁବାର ଏକ ବାଇକ୍ ପିଚିହୋଇଯିବାରୁ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ପୁରୁଣାଗଡ଼ ମଦନମୋହନ ପାଟଣା କନ୍ଧସାହିର ଆଦିତ୍ୟ ଦେହୁରୀ(୧୬)। ଗୁରୁତର ହେଲେ ରାଜା ଦେହୁରୀ(୧୮), କାହ୍ନା ଦେହୁରୀ (୧୪)। ସୂଚନା ଅନୁଯାୟୀ, କନ୍ଧସାହିର ଆଦିତ୍ୟ, ରାଜା ଓ କାହ୍ନା ଏକ ବାଇକ୍ ନମ୍ବର (ଓଡି ୧୯ ଏଏ ୭୩୮୦) ଯୋଗେ କରତପଟା ଭୋଗବେରେଣୀ ସମ୍ପର୍କୀୟଙ୍କ ଘରକୁ ଯାଇ ପୁରୁଣାଗଡ଼ ଫେରୁଥିଲେ। ବାଇକ୍‌ଟି ଭାରସାମ୍ୟ ହରାଇ ବ୍ରିଜ୍‌ବାଡ଼ରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ଆଦିତ୍ୟଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ବନ୍ତଲା ପୋଲିସ ପହଞ୍ଚି ଗୁରୁତର ରାଜା ଓ କାହ୍ନାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ମହିମା ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା




ମହିମା ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଢେଙ୍କାନାଳ,୨୩।୪(ରତନ ନାୟାର)**

ଢେଙ୍କାନାଳ ଜିଲା ଯୋରନ୍ଦାସ୍ଥିତ ମହିମା ମହାବିଦ୍ୟାଳୟ ଶିକ୍ଷାବିଭାଗ ତରଫରୁ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ଗୁରୁବାର ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରହଲ୍ଲାଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଭୟ ପ୍ରଥମ ଏବଂ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରମାନେ ବଡ଼ଭାଇ ଓ ଭଉଣୀମାନଙ୍କ ଉଦ୍ଦେଶ୍ୟରେ ନିଜର ବିଦାୟୀ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଦିବାକର ବେହେରା ଏବଂ ଅଧ୍ୟାପକ ସରୋଜ କୁମାର ବେହେରା ନିଜର ବିଦାୟୀ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଜୀବନରେ ସଫଳତା ପାଇଁ କଠିନ ପରିଶ୍ରମ, ଅଧ୍ୟବସାୟ ଜାରି ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭରେ ଦ୍ୱିତୀୟ ବର୍ଷ ଛାତ୍ରୀ ଇପ୍‌ସିତା ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଙ୍କିତା ବେହେରା ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନ ଆକ୍ରୋଶ ଯୁବ ବିକ୍ଷୋଭ, ବିରୋଧୀଙ୍କ କୁଶପୁତ୍ତଳିକା ଦାହ

**ଭୁବନ, ୨୩।୪ (ବିପିନ ବିହାରୀ ସେଠୀ)**

ନାରୀଶକ୍ତି ଅଧିନିୟମ ଆଇନ ସଂସଦରେ ଖାରଜ ହେବା ପରେ ଢେଙ୍କାନାଳ ଜିଲା ଭୁବନ କଲେଜର ଛାତ୍ରୀ ସଂଗଠନ ଓ ନାରୀ ସଂଗଠନ ପକ୍ଷରୁ ଗୁରୁବାର କାଳୀବଜାରଠାରେ ବିକ୍ଷୋଭ କରାଯିବା ସହିତ ବିରୋଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ବିଲ୍‌କୁ ବିରୋଧ କରୁଥିବା କଂଗ୍ରେସ, ବିଜେଡି ଓ ଟିଏମସି ଦଳ ବିରୋଧରେ ଶତାଧିକ ଛାତ୍ରୀ ଓ ମହିଳା କଳାବ୍ୟାଜ ପରିଧାନ କରି ହାତରେ ପ୍ଲାକାର୍ଡ ଧରି ସହର ପରିକ୍ରମା କରିବା ସହିତ ଏଥର ମହିଳା ଶକ୍ତି ଲଢ଼ିବ ବୋଲି ଖୁଲ୍ଲମଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମହିଳାଙ୍କ




ପାଇଁ ଆଗତ କରିଥିବା ୩୩ ପ୍ରତିଶତ ଆରକ୍ଷଣ ଅଧିକାର ସେମାନଙ୍କୁ ଫେରାଇଦେବା ପାଇଁ ଦାବି କରିଥିଲେ। ଅନ୍ୟଥା ଆଗାମୀ ଦିନରେ ମହିଳାଙ୍କ ବିକାଶ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା କଂଗ୍ରେସ ଓ ବିଜେଡିକୁ ତୀବ୍ର ବିରୋଧ କରାଯିବ ବୋଲି ଛାତ୍ରୀମାନେ ପ୍ରତିକ୍ରିୟା ରଖିଥିଲେ। ଏହି ଅବସରରେ ମହିଳାଙ୍କ ହକ୍‌କୁ ବିରୋଧ କରୁଥିବା ରାହୁଲ ଗାନ୍ଧୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ।


**OFFICE OF THE NOTIFIED AREA COUNCIL, KODALA, ODISHA, PIN - 761032**
Government of Orissa
e-Mail: nackodala@gmail.com

Lt. No. 1010/Dev/2026 Dated: 20.04.2026

**e-NOTICE**

**BID IDENTIFICATION No. KOD-NAC-02/2026-27**

No. 13001/275/2627: The Executive Officer, NAC, Kodala, on behalf of Governor of Odisha invites for consultancy or bidders of eligible class registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.

1. Name of the Work : Civil Work
2. Number of Work : 01 No.
3. Estimated Cost : As per DTCN
4. Period of Completion : As per DTCN
5. Date and time of availability of Bid document in the portal : From 10.00 A.M. of Dt.21.04.2026 to 5.00 P.M. of Dt.04.05.2026
6. Last date and time for receipt of Bid in the portal : 5.00 P.M. of Dt.04.05.2026
7. The bid received online shall be opened on : 11.00 A.M. of Dtd.05.05.2026
8. Name and address of the Officer Inviting Bid : Executive Officer, NAC, Kodala

Further details can be seen from the Procurement Portal: **www.tendersorissa.gov.in.**

OIPR-13001/13203/1/26-27/0001 Sd./- Executive Officer, Kodala NAC


# ଜାତୀୟସ୍ତରରେ ଚମକିଲେ ଭଲିବଲ ଖେଳାଳି ସୌମ୍ୟ

**ଢେଙ୍କାନାଳ,୨୩।୪(ରତନ ନାୟାର)**

## ଟାଟା ଷ୍ଟିଲ୍ ଫାଉଣ୍ଡେଶନ ସହଯୋଗରେ ମିଳିଛି ସଫଳତା

ଢେଙ୍କାନାଳ ଜିଲାର ଚରଡ଼ଗାଡ଼ିଆ ଗ୍ରାମର ସୌମ୍ୟରଞ୍ଜନ ସାମଲ ନିଜର ଦୃଢ଼ ପ୍ରଚେଷ୍ଟା, କଠିନ ପରିଶ୍ରମ ଓ ବାପାଙ୍କର ଅଧୁରା ସ୍ୱପ୍ନ ପୂରଣ କରିବା ଲକ୍ଷ୍ୟରେ ଭଲିବଲ ଖେଳରେ ସଫଳତା ହାସଲ କରି ଗ୍ରାମାଞ୍ଚଳରୁ ବାହାରି ଜାତୀୟସ୍ତରରେ ପହଞ୍ଚିପାରିଛନ୍ତି। ୧୭ବର୍ଷରେ ତାଙ୍କର ସଫଳତା ପାଇଁ ସମଗ୍ର ରାଜ୍ୟ ଗର୍ବିତ। ଟାଟାଷ୍ଟିଲ ଫାଉଣ୍ଡେଶନର ସହଯୋଗରେ ତାଙ୍କର ଏହି ସଫଳତା। ପିଲାଟି ଦିନରୁ ଭଲିବଲ ଖେଳ ପ୍ରତି ଆଗ୍ରହ ରଖିଥିବା ସୌମ୍ୟ ପ୍ରଥମେ ନିଜ ଘରୁ ପ୍ରଶିକ୍ଷଣ ଆରମ୍ଭ କରିଥିଲେ। ସୌମ୍ୟଙ୍କ ବାପା ପ୍ରଶାନ୍ତ ସାମଲ ଜଣେ ରାଜ୍ୟସ୍ତରୀୟ ପୂର୍ବତନ ଭଲିବଲ ଖେଳାଳି। ପୁଅର ଇଚ୍ଛା ଜାଣିବା ପରେ ସୌମ୍ୟଙ୍କୁ ଭଲିବଲ ପ୍ରଶିକ୍ଷଣ ପାଇଁ ପ୍ରସ୍ତୁତି କରିଥିଲେ। ୨୦୨୩ରେ ସୌମ୍ୟ ପାଇକ ପୁରୁଣାକୋଟ ସ୍ଥିତ ଟାଟାଷ୍ଟିଲ ଫାଉଣ୍ଡେଶନର ଯୁବ ବିକାଶ କେନ୍ଦ୍ରରେ ଅଭ୍ୟାସ ପାଇଁ ପ୍ରତିଦିନ ୪୦ କିଲୋମିଟର ସାଇକେଲରେ ଯିବା ଆସିବା କରୁଥିଲେ। କଠିନ ପରିଶ୍ରମ ସହ ସ୍କୁଲ ପରୀକ୍ଷା ଏବଂ ସ୍ଥାନୀୟ ପ୍ରତିଯୋଗିତାର ଚାପ ସତ୍ତ୍ୱେ ତାଙ୍କର ନିରନ୍ତର ସଂଘର୍ଷ ଜାରିରହିଥିଲା। ବିଭିନ୍ନ ବିଦ୍ୟାଳୟ ଓ ଜିଲାସ୍ତରୀୟ ପ୍ରତିଯୋଗିତାରେ ତାଙ୍କର ପ୍ରଦର୍ଶନ ଧୀରେଧୀରେ ଆଲୋଚନାର ବିଷୟ ପାଲଟିଲା। ରାଜ୍ୟସ୍ତରୀୟ ଟ୍ରାଏଲ ସମୟରେ ସୌମ୍ୟଙ୍କର ଉନ୍ନତ ପ୍ରଦର୍ଶନ ଟାଟାଷ୍ଟିଲ ଫାଉଣ୍ଡେଶନ ଦ୍ୱାରା ନିୟମିତ ପ୍ରଶିକ୍ଷକ ଆଶୁତୋଷ




ସୌମ୍ୟରଞ୍ଜନ ସାମଲ।

ପାତ୍ରଙ୍କର ମନ ମୋହିଥିଲା। ରାଜ୍ୟସ୍ତରୀୟ ଦଳ ସହ ସେ ବାଲେଶ୍ୱର ଗସ୍ତ କରିଥିଲେ ମଧ୍ୟ ସେଠାରେ ଖେଳିବାର ସୁଯୋଗ ପାଇ ନ ଥିଲେ। ଏଥିରେ ନିରାଶ ନ ହୋଇ ସେ ମନୋବଳକୁ ଦୃଢ଼ କରିଚାଲିଥିଲେ।

ନିଜ ପୁଅ ସମ୍ପର୍କରେ ସୌମ୍ୟଙ୍କ ବାପା ପ୍ରଶାନ୍ତ ସାମଲ କୁହନ୍ତି, ସୌମ୍ୟଙ୍କର ପ୍ରଶିକ୍ଷଣ ପାଇଁ ଆମେ ପାଖରେ ସୁବିଧା କମ୍ ଥିଲା। କିନ୍ତୁ ତାଙ୍କର ନିଷ୍ଠା ଆଜି ତାଙ୍କୁ ସଫଳତା ଆଣିଦେଇଛି। ପ୍ରଶିକ୍ଷକ ଆଶୁତୋଷ ପାତ୍ରଙ୍କ ମାର୍ଗଦର୍ଶନରେ ସୌମ୍ୟ କଠିନ ପରିଶ୍ରମ କରି ଖୁବ କମ୍ ବୟସରେ ଜିଲାର ବରିଷ୍ଠ ଦଳରେ ସ୍ଥାନ ପାଇଲେ। ୨୦୨୫ରେ କେରଳର ଥିରୁବନନ୍ତପୁରମ ସ୍ଥିତ ସ୍ପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଜାତୀୟ ଉତ୍କର୍ଷ କେନ୍ଦ୍ର ପାଇଁ ସୌମ୍ୟ ମନୋନୀତ ହୋଇଥିଲେ। ସେହିବର୍ଷ ସେ ଓଡ଼ିଶା ପାଇଁ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ରାଜସ୍ଥାନରେ ଅନୁଷ୍ଠିତ କନିଷ୍ଠ ଜାତୀୟ ଭଲିବଲ ପ୍ରତିଯୋଗିତାରେ ସ୍ପୋର୍ଟସ ଅଫ୍ ଇଣ୍ଡିଆ ଦଳର ଅଧିନାୟକ ଭାବେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ନିଜ ସମ୍ପର୍କରେ ସୌମ୍ୟ କୁହନ୍ତି, ଯେତେବେଳେ ମୁଁ ଏହି ଯାତ୍ରା ଆରମ୍ଭ କରିଥିଲି, ମୋ ପାଖରେ ବିଶେଷ ସୁବିଧା ସୁଯୋଗ ନ ଥିଲା। କିନ୍ତୁ ସମୟକ୍ରମେ ଠିକ୍ ମାର୍ଗଦର୍ଶନ ଓ ସହଯୋଗ ପାଇଲି। ସେହି ସାହାଯ୍ୟ ହିଁ ମୋତେ ଆଗକୁ ବଢ଼ିବାରେ ସାହାଯ୍ୟ କଲା। ଯଦି ମୋର ଏହି ଯାତ୍ରା ଅନ୍ୟ କାହା ପାଇଁ ପ୍ରେରଣା ହୁଏ, ମୁଁ ନିଜକୁ ଧନ୍ୟ ମନେକରିବି। ଆସନ୍ତା ଜୁଲାଇ ମାସରେ ଚୀନ୍‌ର ସାଙ୍ଗଲୁଅଠାରେ ଅନୁଷ୍ଠିତ ହେବାକୁ ଥିବା ୧୮ବର୍ଷର କମ୍ ବିଶ୍ୱ ସ୍କୁଲ ଭଲିବଲ ପ୍ରତିଯୋଗିତା ପାଇଁ ସେ ଏବେ ପ୍ରସ୍ତୁତି ଚଳାଇଛନ୍ତି। ସୌମ୍ୟଙ୍କ ସଫଳତା ସମ୍ପର୍କରେ ଟାଟାଷ୍ଟିଲ ଫାଉଣ୍ଡେଶନ ୟୁନିଟ୍ ହେଡ କୁମାର ସୌରଭ କୁହନ୍ତି, ଗ୍ରାମାଞ୍ଚଳ ପ୍ରତିଭାକୁ ଉପଯୁକ୍ତ ମଞ୍ଚ ପ୍ରଦାନ କରିବା ଆମର ଲକ୍ଷ୍ୟ। ସୌମ୍ୟଙ୍କ ସଫଳତା ପ୍ରମାଣ କରୁଛି ଯେ, ଠିକ୍ ସୁଯୋଗ ମିଳିଲେ ଗାଁର ପିଲମାନେ ମଧ୍ୟ ବିଶ୍ୱସ୍ତରରେ ପହଞ୍ଚିପାରିବେ।

# ବିଦ୍ୟୁତ୍‌ପ୍ରଭା ଫାଉଣ୍ଡେଶନ ପକ୍ଷରୁ ଖାଦ୍ୟ ବଣ୍ଟନ

**କାମାକ୍ଷାନଗର, ୨୩।୪ (ସୁଧୀର ପରିଡ଼ା)**

କାମାକ୍ଷାନଗର ସାମାଜିକ ସଂଗଠନ 'ବିଦ୍ୟୁତ୍‌ପ୍ରଭା ଫାଉଣ୍ଡେଶନ' ତରଫରୁ ଅସହାୟ ଲୋକଙ୍କୁ ଖାଦ୍ୟବଣ୍ଟନ କରାଯାଇଛି। ଅଧ୍ୟକ୍ଷା ତଥା ଅଧ୍ୟାପିକା ଲିପସା ପ୍ରଧାନଙ୍କ ନେତୃତ୍ୱରେ ଗୁଣ୍ଡିଚାନାଳୀ ଖାଦ୍ୟ ବଣ୍ଟନ କରାଯାଇଛି। ସମ୍ପାଦକ ହୃଦୟବଲ୍ଲଭ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁମନ୍ତ ଜେନା, ସଙ୍ଗୀତା ମିଶ୍ର, ଖୁସାଲ ମଲ୍ଲିକ ସହଯୋଗ କରିଥିଲେ।


**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
PO-ENGINEERING COLLEGE, BURLA, DIST-SAMBALPUR, ODISHA-768018, www.vssut.ac.in

No. VSSUT/Estt/649 Dated. 22.04.2026

**ADVERTISEMENT FOR RECRUITMENT OF CONTROLLER OF EXAMINATIONS**

**No.44001/6/2627** : Online Applications are invited from prospective candidates for recruitment to the post of **Controller of Examinations** at Veer Surendra Sai University of Technology, Burla. The qualifications details, eligibility criteria and other general information are available at www.vssut.ac.in. The applicants are required to submit online application at https://vssutnt.samarth.edu.in. The last date of submission is **23.05.2026**. The qualifications, eligibility criteria, experience, publications and age limit etc. as on the last date of submission of application will only be considered. The authority reserves the right to reject any or all the applications or cancel the entire selection process without assigning any reason thereof.

| S/N | Name of the Post | No. of Post | Cetegory | Level in the 7th Pay Matrix |
|---|---|---|---|---|
| 1 | Controller of Examinations | 01 | UR | Level-13 A (Rs.1,31,400-2,17,100/-) |

OIPR-44001/44006/1/26-27/0003 Sd./- REGISTRAR



**BHUBANESWAR MUNICIPAL CORPORATION**
Phone: 0674-2431253, Fax: 0674-2432895, E_mail: info@bmc.gov.in

No. 22497 Date: 21.04.2026
XXXVIII(Market)-46/21

**ORDER**

No. 13001/270/2627: The e-auction process of BMC - Fruit Market Complex, Unit-II, Ashok Nagar, Bhubaneswar issued vide Order No. 13632 / Dtd.09.03.2026 has been re-scheduled as follows for giving better scope of participation to the general public.

| | | |
|---|---|---|
| 01 | Last date of online application/request for participation and deposit of EMD | Dtd.30.04.2026 upto 5.00 P.M. instead of 15.04.2026 |
| 02 | E-auction date for Ground Floor & Second Floor | Dtd.07.05.2026 instead of 22.04.2026 (from 11.00 A.M. to 5.00 P.M. with unlimited auto extension) |

By Order
Sd./- Additional Commissioner-I
Bhubaneswar Municipal Corporation

OIPR-13001/13002/1/26-27/0014

